# AICRP on Spices, Pottangi

## ଗୋଲମରିଚ ଚାଷ

ଗୋଲମରିଚକୁ 'କଳାସୁନା' ଓ 'ମସଲା' ମାନଙ୍କର ରାଜା କୁହାଯାଏ । ଓଡ଼ିଶାରେ ଗୋଲମରିଚ କୋରାପୁଟ, କେନ୍ଦୁଝର ଓ କନ୍ଧମାଳରେ ଚାଷ ହେଉଥିଲେ ମଧ ସମସ୍ତ ଜିଲ୍ଲାରେ ଚାଷ ହୋଇପାରିବ ।

**ଗୋଲମରିଚ ଲତା ସମ୍ବନ୍ଧୀୟ ଧାରଣା :** ଗୋଲମରିଚ ଏକ ଚିକ୍କଣ, ଶକ୍ତ କାଣ୍ଡଯୁକ୍ତ ବହୁବର୍ଷୀୟ ଆରୋହୀ ଲତା ଜାତୀୟ ଉଦ୍ଭିଦ ଅଟେ । ଏହା ୮ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ ଏବଂ ୨୫ ରୁ ୩୦ ବର୍ଷ ପର୍ଯ୍ୟନ୍ତ ଭଲ ଫଳ ଦେଇଥାଏ । ତେବେ ଗୋଟିଏ ଗଛ ୧୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାର ଦେଖାଦେଇଥାଏ । ଏହାର କାଣ୍ଡର ଗଣ୍ଠି ଗୁଡ଼ିକ ସ୍ଫିତ, ଯେଉଁଥିରୁ ଆସ୍ଥାନିକ ଚେର ଗୁଡ଼ିକ ବାହାରି ଆରୋହଣରେ ସାହାଯ୍ୟ କରେ । ଏହାର ୩ ପ୍ରକାରର କାଣ୍ଡ ଥାଏ । ଉର୍ଦ୍ଧ୍ୱମୁଖୀ ପ୍ରାଥମିକ ଡାଳ ଗୁଡ଼ିକ ଶକ୍ତ, ୪ ରୁ ୬ ସେମି ବ୍ୟାସର, କାଠୁଆ, ୫ରୁ ୧୨ ସେ.ମି. ପବ ବିଶିଷ୍ଟ କେବଳ ଗଛର ବୃଦ୍ଧିରେ ସହାୟ ହୁଏ । ଏହାର ଗଣ୍ଠିରୁ ଆସ୍ଥାନିକ ଚେର ବାହାରି ମାଡୁଥିବା ଗଛରେ ଧରି ରଖେ । ଏହି ପ୍ରାଥମିକ ଡାଳର ମୂଳ ଭାଗରୁ ଧାବକ କାଣ୍ଡମାନ ବାହାରିଥାଆନ୍ତି ଯାହାର ପବ ଗୁଡ଼ିକ ଲମ୍ବା ଏବଂ ପ୍ରତ୍ୟେକ ଗଣ୍ଠିରୁ ଡାଳମାନଙ୍କରୁ ପାର୍ଶ୍ୱ ଡାଳ ବାହାରି ଥାଏ, ଯେଉଁଥିରେ ଗଣ୍ଠିରୁ ଏକାନ୍ତର, ସରଳ ପାନପତ୍ର ସଦୃଶ, ୫ରୁ ୯ ଶିରା ବିଶିଷ୍ଟ ପତ୍ର ବାହାରିଥାନ୍ତି । ଏହାର ଶୁକିକା ଗୁଡ଼ିକ ୪ ରୁ ୧୦ ସେ.ମି. ଦୈର୍ଘ୍ୟ ବିଶିଷ୍ଟ ହୋଇ ୫୦ ରୁ ୧୦୦ ପର୍ଯ୍ୟନ୍ତ ଛୋଟ ଛୋଟ ଫୁଲ ଧରିଥାଏ । ଫୁଲର ନିମ୍ନାଂଶରେ କପ ସଦୃଶ ଉପପତ୍ର ଥାଏ । ଫୁଲ ଗୁଡ଼ିକ ଏକ ଲିଙ୍ଗୀ କିମ୍ୱା ଉଭୟ ଲିଙ୍ଗୀ ହୋଇଥାଆନ୍ତି । ଫଳଗୁଡ଼ିକ ଛୋଟ ୩.୫ ରୁ ୬ ମି.ଲି. ମିଟର ବ୍ୟାସ ବିଶିଷ୍ଟ ଗୋଲାକାର, ଏକ ବୀଜ ବିଶିଷ୍ଟ । ପାଚିଲେ ଉଜ୍ଜ୍ୱଳ ଲାଲ ରଙ୍ଗ ଧାରଣ କରେ ଏବଂ ଶୁଖିଗଲେ କଳା ରଙ୍ଗ ଧାରଣ କରିଥାଏ । ମଞ୍ଜି ଗୁଡ଼ିକ ଧଳା ରଙ୍ଗର ହୋଇଥାଆନ୍ତି ।

**ଜଳବାୟୁ :** ଗୋଲମରିଚ ସମତଳ ଅଞ୍ଚଳ ଠାରୁ ଆରମ୍ଭ କରି ସମୁଦ୍ରପତ୍ତନ ଠାରୁ ୧୫୦୦ ମିଟର ଉଚ୍ଚତାରେ ଥିବା ଅଞ୍ଚଳରେ ଚାଷ କରାଯାଇପାରିବ । ବାର୍ଷିକ ବୃଷ୍ଟିପାତ ୨୦୦ ରୁ ୨୫୦ ଦିନ ପର୍ଯ୍ୟନ୍ତ ୧୫୦୦ ରୁ ୨୫୦୦ ମିଲି ମିଟର ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅଞ୍ଚଳରେ ଏହା ଅଧିକ ଉତ୍ପାଦନ ହୋଇଥାଏ । ଫୁଲ ଫୁଟିବା ସମୟରେ ବର୍ଷା ହେଉଥିଲେ ଏହାର ପରାଗସଙ୍ଗମ ଅଧିକ ହୋଇ ଉତ୍ପାଦନ ବଢ଼ିଥାଏ । କାରଣ ବର୍ଷାଜଳ ଦ୍ୱାରା ଏହାର ପରାଗସଙ୍ଗମ ହୋଇଥାଏ । ଏହା ୧୦ରୁ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇପାରିବ । ଗୋଲମରିଚ ଫୁଲ ଫୁଟିବାର ୩୦ରୁ ୪୦ ଦିନ ପୂର୍ବରୁ ଶୁଖିଲା ପାଗ ଥିବା ଆବଶ୍ୟକ ।

**ମୃତ୍ତିକା :** ନିଗିଡ଼ା ହ୍ୟୁମସ୍‌ଯୁକ୍ତ, ବାଲିଆ ଦୋରସା, ନାଲି ଦୋରସା, ନଦୀକୂଳିଆ ବାଲିଦୋରସା ପଟୁମାଟି, ଲାଲକାଙ୍କର ଇତ୍ୟାଦି ମାଟିରେ ଗୋଲମରିଚ ଚାଷ କରାଯାଇ ପାରିବ । ମାଟିର ଅମ୍ଳତା ୫.୫ ରୁ ୬.୦ ମଧ୍ୟରେ ରହିବା ଭଲ । ପାର୍ବତ୍ୟ ଗଡ଼ାଣିଆ ମାଟି (ଧୋଇ ହୋଇଯାଏ ଓ ଖରାଦିନେ ଜଳର ଅଭାବ)ଅପେକ୍ଷା ସମତଳ ଅଞ୍ଚଳରେ ଗୋଲମରିଚ ଭଲ ଭାବରେ ବଢ଼ିଥାଏ । ସନ୍ତସନ୍ତିଆ ଓ ଜଳ ଜମି ରହୁଥିବା ଅଞ୍ଚଳ ଏହି ଚାଷ ପାଇଁ ଅନୁପଯୁକ୍ତ । ଗୋଲମରିଚର ଚେର ଉପର ମାଟିର ୩୦ ସେ.ମି. ଗଭୀରତା ମଧ୍ୟରେ ରହୁଥିବାରୁ ଏହି ମାଟି ଉପରେ ଗୋଲମରିଚ ଗଛର ବୃଦ୍ଧି ନିର୍ଭର କରିଥାଏ । ସେହିଭଳି କ୍ଷାରୀୟ ମାଟିରେ ଗୋଲମରିଚ ଗଛ ଭଲ ବଢ଼ି ନଥାଏ ।

**କିସମ :**

**ପାନିଉର୍ -୧ :** ଏହା ଏକ ଶଙ୍କର କିସମ ଗୋଲମରିଚ ଅଟେ । ଏହି କିସମ ପ୍ରାୟ ସମସ୍ତ ଗୋଲମରିଚ ଚାଷ ହେଉଥିବା ଅଞ୍ଚଳରେ ଚାଷ ହୋଇପାରିବ । ତେବେ ଅତ୍ୟଧିକ ଛାଇ କିମ୍ୱା ଉଚ୍ଚପତ୍ତନ ଅଞ୍ଚଳରେ ଚାଷପାଇଁ ଅନୁପଯୁକ୍ତ । ଏଥିରେ ହେକ୍ଟର ପ୍ରତି ଶୁଖିଲା ଗୋଲମରିଚ ଅମଳ ପ୍ରାୟ ୧୨.୪୨ କ୍ୱିଣ୍ଟାଲ ହୁଏ ଓ ଏହି ମଞ୍ଜିରେ ୧୧.୮% ଓଲିଓରେସିନ୍, ୫.୩% ପିପରିନ୍ ଏବଂ ୩.୫% ଆବଶ୍ୟକୀୟ ସୁବାସିତ ତୈଳ ଥାଏ ।

**ପାନିଉର୍ - ୭ :** ଏହି ଅଧିକ ଅମଳକ୍ଷମ ଉନ୍ନତ କିସମ ଗୋଲମରିଚରୁ ହେକ୍ଟର ପ୍ରତି ୨୧.୨୭ କ୍ୱିଣ୍ଟାଲ ଶୁଖିଲା ଗୋଲମରିଚ ଅମଳ ହୋଇଥାଏ । ଏହା ସବୁ ଅଞ୍ଚଳରେ ଚାଷ କରାଯାଇପାରିବ । ଏହାର ମଞ୍ଜିରୁ ୮.୩% ଓଲିଓରେସିନ୍, ୪.୯% ପିପରିନ୍ ଏବଂ ୧.୩% ଅତ୍ୟାବଶକୀୟ ସୁବାସିତ ତୈଳ ଥାଏ ।

**ଶୁଭକରା :** ଏହି କିସମଟି ସମସ୍ତ ଗୋଲମରିଚ ଚାଷ କରାଯାଉଥିବା ଅଞ୍ଚଳ ପାଇଁ ଉପଯୁକ୍ତ । ଏଥିରୁ ହେକ୍ଟର ପ୍ରତି ୨୩.୫୨ କ୍ୱିଣ୍ଟାଲ ଶୁଖିଲା ଗୋଲମରିଚ ଅମଳ ହୋଇଥାଏ । ଏହାର ମଞ୍ଜିରେ ୧୨.୪% ଓଲିଓରେସିନ୍, ୩.୪% ପିପରିନ୍ ଏବଂ ୬% ଅତ୍ୟାବଶକୀୟ ସୁବାସିତ ତୈଳ ଥାଏ ।

**ଶ୍ରୀକରା :** ଏହି ଅଧିକ ଅମଳକ୍ଷମ ଉନ୍ନତ କିସମଟି ସମସ୍ତ ଗୋଲମରିଚ ଚାଷ ହେଉଥିବା ଅଞ୍ଚଳ ପାଇଁ ଉପଯୁକ୍ତ । ଏଥିରୁ ହେକ୍ଟର ପ୍ରତି ୨୬.୭୭ କ୍ୱିଣ୍ଟାଲ ଶୁଖିଲା ଗୋଲମରିଚ ମିଳିଥାଏ । ଏହାର ମଞ୍ଜିରେ ୧୩% ଓଲିଓରେସିନ୍, ୫.୧% ପିପରିନ୍ ଏବଂ ୭% ଅତ୍ୟାବଶକୀୟ ସୁବାସିତ ତୈଳ ଥାଏ ।

**ଥେଭାମ୍ :** ଏହି ଉନ୍ନତ କିସମଟି ଉଭୟ ଅଧିକ ଉଚ୍ଚାଞ୍ଚଳ ଓ ସମତଳ ଅଞ୍ଚଳରେ ଚାଷ କରାଯାଇପାରେ । ଏଥିରେ ମୂଳସଢ଼ା ରୋଗ ର ସହଣୀଶକ୍ତି ଥାଏ । ଏହି କିସମରୁ ୧୭.୮୭ କ୍ୱିଣ୍ଟାଲ ଶୁଖିଲା ଗୋଲମରିଚ ମିଳିଥାଏ । ଏହାର ମଞ୍ଜିରେ ୮.୧୫% ଓଲିଓରେସିନ୍, ୧.୬% ପିପରିନ୍ ଏବଂ ୩.୧% ଅତ୍ୟାବଶକୀୟ ସୁବାସିତ ତୈଳ ମିଳିଥାଏ ।

**ଗିରିମୁଣ୍ଡା :** ଏହି ଶଙ୍କର କିସମ ଗୋଲମରିଚ ଉଚ୍ଚାଞ୍ଚଳରେ ଚାଷ ହୋଇଥାଏ । ଏଥିରୁ ହେକ୍ଟର ପ୍ରତି ୨୧.୧୨ କ୍ୱିଣ୍ଟାଲ ଶୁଖିଲା ଗୋଲମରିଚ ମିଳିଥାଏ । ଏହାର ମଞ୍ଜିରେ ୯.୬୫% ଓଲିଓରେସିନ୍, ୨.୨ % ପିପରିନ୍ ଏବଂ ୩.୪% ଅତ୍ୟାବଶକୀୟ ସୁବାସିତ ତୈଳ ଥାଏ ।

**ଶକ୍ତି :** ଏହି ଅଧିକ ଅମଳକ୍ଷମ ଉନ୍ନତ କିସମରେ ମୂଳସଢ଼ା ରୋଗ ସହଣୀଶକ୍ତି ରହିଛି । ଏଥିରୁ ହେକ୍ଟର ପ୍ରତି ୨୨.୫୩ କ୍ୱିଣ୍ଟାଲ ଶୁଖିଲା ଗୋଲମରିଚ ମିଳିଥାଏ । ଏହାର ମଞ୍ଜିରେ ୧୦.୨% ଓଲିଓରେସିନ୍, ୩.୩ % ପିପରିନ ଏବଂ ୩.୭% ଅତ୍ୟାବଶ୍ୟକୀୟ ସୁବାସିତ ତୈଳ ମିଳିଥାଏ ।

**ଚାରା ପ୍ରସ୍ତୁତି :** ମଞ୍ଜିରୁ ଗୋଲମରିଚ ବଂଶ ବିସ୍ତାର କରିପାରୁଥିଲେ ମଧ୍ୟ ସାଧାରଣତଃ କାଣ୍ଡରୁ ଏହାର ବଂଶ ବିସ୍ତାର କରାଯାଇଥାଏ । ୨ରୁ ୩ଟି ଗଣ୍ଠିଥିବା ଧାବକ କାଣ୍ଡକୁ କାଟି ପତ୍ର ଛଡ଼ାଇ ପଟାଳି କିମ୍ବା ଖତମିଶା ମାଟି ପଲିଥିନ୍ ମୁଣାରେ ପୋତି ଛାଇରେ ରଖି ବାରମ୍ବାର ପାଣି ଦେଲେ ସେଥିରୁ ଚେର ବାହାରିଥାଏ । ଫେବୃୟାରୀରୁ ମାର୍ଚ୍ଚ ମାସରେ ଡାଳ କାଟି ପୋତିଥିଲେ ମଇ/ଜୁନ୍ ମାସ ବେଳକୁ ଚାରା ବାହାରି ରୋପଣ ଯୋଗ୍ୟ ହୋଇଥାଏ । ପଲିଥିନ ଦରିରେ ଖତ : ବାଲି : ମାଟି = ୧ : ୧ : ୧ ହୋଇଥିଲାବେଳେ ବାଉଁଶ ଖଣ୍ଡରେ ଖତ ସହ କାଠଗୁଣ୍ଡ ବା ନଡ଼ିଆକତା ୧ : ୧ ଅନୁପାତ କରି ଚାରା ଉତ୍ପାଦନ କଲେ ଶୀଘ୍ର ଚେର ବାହାରି ଥାଏ ।

ଅନ୍ୟ ଏକ ପ୍ରଣାଳୀରେ ୩ ଫୁଟ ଚଉଡ଼ା ଓ ଆବଶ୍ୟକ ମୁତାବକ ଲମ୍ବ ଓ ୬ ଇଞ୍ଚ ଉଚ୍ଚତାର ଏକ ପଟାଳି ପ୍ରସ୍ତୁତ କରି ପଲିଥିନ୍‌ରେ ଲଗାଯାଇଥିବା ଗୋଲମରିଚ ଚାରାକୁ ସେହି ପଟାଳି ପାଖରେ ବଙ୍କା କରି ରଖାଯାଏ । ପଟାଳିରେ ନଡ଼ିଆକତା ଓ ସଢ଼ା ଗୋବରଖତ ୩ : ୧ ଅନୁପାତରେ ମିଶାଇ ସେଥିରେ ସାମାନ୍ୟ ଟ୍ରାଇକୋଡର୍ମା ଓ ପୁଟୋନିଆ ଗୋଳାଇ ୬ ଇଞ୍ଚ ବହଳର କରାଯାଇଥାଏ । ପ୍ରତିଦିନ ସେଥିରେ ପାଣି ସିଞ୍ଚନ କଲାପରେ ସେଥିରେ ଥିବା ପ୍ରତି ଗଣ୍ଠିରୁ ଚେର ବାହାରି ଲତାଟି ମାଡ଼ିଥାଏ । କିଛିଦିନ ପରେ ସମୁଦାୟ ପଟାଳିରେ ୩ ଫୁଟ ଓସାର ପର୍ଯ୍ୟନ୍ତ ମାଡ଼ିଥାଏ । ତାପରେ ପ୍ରତ୍ୟେକ ଲତାର ଅଗକୁ ଛିଣ୍ଡାଇ ଦେଇ କିଛିଦିନ ପରେ ପ୍ରତି ପବରୁ ଗଣ୍ଠିକୁ କାଟି ଅଲଗା କରି ପ୍ରୋଟ୍ରେରେ ନଡ଼ିଆକତା ଓ ସଢ଼ା ଗୋବର ଖତ ୩ : ୧ ଅନୁପାତରେ ମିଶାଇ ଲଗାନ୍ତୁ ଏବଂ ଝରାରେ ପାଣି ଦିଅନ୍ତୁ । ଏହା ଫଳରେ ଅଧିକ ସଂଖ୍ୟକ ଚାରା ଉତ୍ପାଦିତ ହୋଇପାରିବ ।

**ଜମି ପ୍ରସ୍ତୁତି, ଆଶ୍ରୟ ବୃକ୍ଷ ଓ ଚାରା ରୋପଣ :** ଗୋଲମରିଚ ଏକ ଲତା ଜାତୀୟ ଉଦ୍ଭିଦ ହୋଇଥିବାରୁ ଏହା ମାଡ଼ିବା ପାଇଁ ଏକ ଆଶ୍ରୟ ବୃକ୍ଷ ଆବଶ୍ୟକ କରେ । ମଇରୁ ଜୁନ୍ ମାସରେ ପାଳଧୁଆ କିମ୍ବା ଚାକୁଣ୍ଡା ଗଛର ଡାଳ ଲଗାଇ ଜୁଲାଇରୁ ଅଗଷ୍ଟ ମାସ ମଧ୍ୟରେ ଏହି ଗଛ ମୂଳରେ ଗୋଲମରିଚ ଚାରା ରୋପଣ କରାଯାଇଥାଏ । ଗୋଲମରିଚକୁ ନଡ଼ିଆ, ଗୁଆ, ପଣସ, କମଳା, ସିଲଭରଓକ୍ ଗଛରେ ମଧ୍ୟ ମଡ଼ାଇ ଚାଷ କରାଯାଇଥାଏ । ପୁରୁଣା ତେନ୍ତୁଳି, ଆମ୍ବ, ସୁବାବୁଲ, ପଣସ ଆଦି ଯେଉଁ ଗଛର ଗଣ୍ଡି ଖଦଡ଼ା ହୋଇଯାଇଥାଏ ସେହିଳି ଗଛରେ ମଧ୍ୟ ଗୋଲମରିଚ ଗଛ ମଡ଼ାଯାଇ ପାରିବ । ଏକକ ଫସଲ ଭାବେ ଚାଷ କରୁଥିଲେ ୩.୦ ମିଟର X ୩.୦ ମିଟର ବ୍ୟବଧାନରେ ଆଶ୍ରୟ ଗଛ ଲଗାଯାଏ (ହେକ୍ଟରକୁ ୧୧୦୦ଟି ଗଛ) । କିନ୍ତୁ ବହୁ ଫସଲ ଭାବେ ଚାଷ କରୁଥିଲେ ୫ ମିଟର X ୫ ମିଟର (ହେକ୍ଟରକୁ ୮୦୦ଟି ଗଛ) କିମ୍ବା ଆବଶ୍ୟକୀୟ ଦୂରତ୍ୱରେ

ଆଶ୍ରୟ ଗଛ ଲଗାଯାଇଥାଏ । ଆଶ୍ରୟ ଗଛ ଲଗାଇବା ପାଇଁ ୫୦ ସେ.ମି. X ୫୦ ସେମି X ୫୦ ସେ.ମି. ଆକାରର ଗାତ ଖୋଳି ଗୋବର ଏବଂ ଉପର ମାଟି ମିଶାଇ ଗାତ ପୂରଣ କରି ଗଛ ଲଗାଯାଇଥାଏ । ଆଶ୍ରୟ ଗଛ ମୂଳରୁ ୩୦ ସେ.ମି. ଛାଡ଼ି (ଗୁଆ ଗଛରୁ ୧୦୦ ସେ.ମି., ନଡ଼ିଆ ଗଛ ଓ ବଡ଼ ଆଶ୍ରୟ ଗଛ ଠାରୁ ୧୫୦ ସେ.ମି. ଛାଡ଼ି) ଗଛର ଉତ୍ତର ପଟେ ୪୫ ସେ.ମି. X ୪୫ ସେମି X ୪୫ ସେ.ମି. ଆକାରର ଗାତ ଖୋଳି ସେଥିରେ ଗୋବରଖତ ଓ ଉପର ମାଟି ମିଶାଇ ବୁଦା ପ୍ରତି ୨ରୁ ୩ଟି କରି ଚାରା ମନ୍ଦାରେ ଲଗାଯାଏ । ଚାରା ଗୁଡ଼ିକ ବଢ଼ି ଆଶ୍ରୟ ଗଛ ପାଖରେ ପହଞ୍ଚିବା ପାଇଁ ଛୋଟ ଛୋଟ କାଠି ପୋତି ବାରା ମଡ଼ା ଯାଏ ।

**ଖତ ଓ ସାର୍** : ସାଧାରଣ ମୃତ୍ତିକାରେ ଗୋଟିଏ ବୁଦା ପ୍ରତି ୩ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସ୍କ ଗଛ ପାଇଁ ବାର୍ଷିକ ୧୪୦ ଗ୍ରାମ୍ , ୫୦ ଗ୍ରାମ୍ : ୨୭୦ ଗ୍ରାମ୍ ଅନୁପାତରେ ଯବକ୍ଷାରଜାନ ସାର, ଫସ୍‌ଫରସ୍ ସାର ଏବଂ ପଟାସ୍ ସାର ଆବଶ୍ୟକ ହୋଇଥାଏ । ପ୍ରଥମ ବର୍ଷ ମୋଟ ସାରର ଏକ ତୃତୀୟାଂଶ; ଦ୍ୱିତୀୟ ବର୍ଷ ମୋଟ ସାରର ଦୁଇ ତୃତୀୟାଂଶ ପ୍ରୟୋଗ କରି ତୃତୀୟ ବର୍ଷ ଠାରୁ ପୂର୍ଣ୍ଣମାତ୍ରାରେ ସାର ପ୍ରୟୋଗ କରାଯାଏ । ଏହି ସାରକୁ ବର୍ଷରେ ୨ଥର ସମାନ ଭାଗ କରି ଜୁନ୍ ଏବଂ ସେପ୍ଟେମ୍ବର-ଅକ୍ଟୋବର ମାସରେ ପ୍ରୟୋଗ କରାଯାଏ । ଏତଦ୍ ବ୍ୟତୀତ ବୁଦା ପ୍ରତି ୧୦ କିଗ୍ରା ଗୋବର ଖତ କିମ୍ବା କମ୍ପୋଷ୍ଟ, ୨୫୦ ଗ୍ରାମ ଚୂନ, ୧ କି.ଗ୍ରା ନିମ ପିଡ଼ିଆ, ୫୦ ଗ୍ରାମ ଟ୍ରାଇକୋଡର୍ମା, ୫୦ ଗ୍ରାମ ସ୍ୱିଡ଼ୋମୋନାସ, ୫୦ ଗ୍ରାମ ପି.ଏସ୍.ବି., ୫୦ ଗ୍ରାମ ଆଜୋଟୋବ୍ୟାକ୍ଟର, ୫୦ ଗ୍ରାମ ପଟାସ ବ୍ୟାକ୍ଟେରିଆ ଓ ୨୦୦ ଗ୍ରାମ ଭାମ୍ ଜୁନ୍ ମାସରେ ପ୍ରୟୋଗ କରାଯାଏ ।

**ଜଳ ପରିଚାଳନା** : ଛୋଟ ଅବସ୍ଥାରେ ବର୍ଷା ଅଭାବରେ ଚାରାଗଛ ଲଗାଇ ପାଣି ଦିଆଯାଏ । ଚେର ଗଭୀରକୁ ଚାଲିଗଲା ପରେ ଗଛ ପ୍ରାୟ ପାଣି ଦରକାର କରେ ନାହିଁ । କିନ୍ତୁ ପରୀକ୍ଷା କରି ଦେଖାଯାଇଛି ଯେ, ଜଳାଭାବ ସମୟ ଯଥା - ଅକ୍ଟୋବର-ନଭେମ୍ବର ମାସ ଠାରୁ ଅପ୍ରେଲ୍ - ମଇ ମାସରେ (ମୌସୁମୀ ବର୍ଷା ଆସିବା ପର୍ଯ୍ୟନ୍ତ) ପାଣି ମଡ଼ାଇଲେ ଗୋଲମରିଚ ଅମଳ ୫୦% ବଢ଼ିଯିବ । ୮ ରୁ ୧୦ ଦିନ ଗଛ ମୂଳଠାରୁ ୭୫ ସେ.ମି. ବ୍ୟାସାର୍ଦ୍ଧ ଅଞ୍ଚଳ ମଧ୍ୟରେ ଜଳସେଚନ କରିବାକୁ ପଡ଼େ । ଜଳ ବାଷ୍ପୀଭବନ ଜନିତ କ୍ଷତି ପାଇଁ କଞ୍ଚାପତ୍ର ବର୍ଷା ଛାଡ଼ି ଆସିବା ସମୟରେ ଗଛ ଚାରିପଟେ ମାଟି ଉପରେ ଘୋଡ଼ାଇ ଦିଆଯାଏ ।

**ଅନ୍ତଃ ଚାଷ ଓ ଯତ୍ନ** : ବର୍ଷକୁ ୨ଥର ଘାସ ବାଛି ଖତସାର ପ୍ରୟୋଗ କରି ଜଳସେଚନ କରାଯାଏ । ଗଛ ଗୁଡ଼ିକ ଡଙ୍କେଇଲେ ପଟୁକା ବା ସୂତୁଲି ସାହାଯ୍ୟରେ ଗୋଲମରିଚର ଡଙ୍କ ବା ଡାଳକୁ ଆଶ୍ରୟ ଗଛରେ ବାନ୍ଧି ଦେଲେ ତାହା ମାଡ଼ିବାରେ ସାହାଯ୍ୟ କରେ । ଆଶ୍ରୟ ଗଛ ଗୁଡ଼ିକ ସିଧା ବଢ଼ିବା ପାଇଁ ତାହାର ପାର୍ଶ୍ୱ ଡାଳ ଗୁଡ଼ିକୁ କାଟି ଦିଆଯାଏ । ଏହାଦ୍ୱାରା ଗୋଲମରିଚ ମଧ ଆବଶ୍ୟକୀୟ ଆଲୋକ ପାଇପାରିବ । ପରବର୍ତ୍ତୀ ବର୍ଷ ମାନଙ୍କରେ ମଧ ଆଶ୍ରୟ ଡାଳ କାଟଛାଣ୍ଟ କରିବା ଦ୍ୱାରା ଫସଲର ଫୁଲ ଓ ଫଳ ସମୟରେ ଛାଇ ଜନିତ ରୋଗପୋକ ଆକ୍ରମଣ କମାଯାଇ ପାରିବ । ଆଶ୍ରୟ ଗଛର ଉଚ୍ଚତା ୬ ମିଟର ମଧ୍ୟରେ ରଖିବା ଉଚିତ । ୨୦ ବର୍ଷ ପରେ ଅମଳ କମିଆସେ । ନୂଆ ଗୋଲମରିଚ ଚାରା ଲଗାଇ ପୁରୁଣା ଗଛକୁ ୩ ରୁ ୫ ବର୍ଷ ମଧ୍ୟରେ ବାହାର କରାଯାଏ । ଗଛ ଗୁଡ଼ିକ ୧ ବର୍ଷ ପରେ ତଳକୁ କଲେ ପାର୍ଶ୍ୱ ଡାଳ ବାହାରି ଥାଏ । ଗୋଲମରିଚ ବଗିଚାରେ ଧନିଆ, ମୂଳା, ଅଦା, ହଳଦୀ, ସାରୁ ଓଲୁଅ ଆଦି ଅନ୍ତଃ ଫସଲ ଭାବେ କରାଯାଇପାରେ ।

**ବୁଦା ଗୋଲ୍‌ମରିଚ ଚାଷ** : ଗୋଲମରିଚ ଗଛର ବର୍ଷିକିଆ ଫଳନ୍ତି ଡାଳ ବାଛି ୩ରୁ ୫ ଗଣ୍ଠି ରଖି କାଟି ଆଣି ଧ୍ୱଜ ପତ୍ର ଛାଡ଼ି ଅନ୍ୟ ପତ୍ର କାଟି ଦିଆଯାଇ ଛାଇରେ ଚାରା ଭାବରେ ବଢ଼ାଇ (ଟ୍ରେଞ୍ଚ ବା ଖାତରେ) ପରେ କୁଣ୍ଡ କିମ୍ବା ଜମିରେ ୨ ମିଟର X ୨ ମିଟର ବ୍ୟବଧାନରେ ଲଗାଇଦେଲେ ସେଥିରୁ ସେହି ବର୍ଷ ଫଳ ଫଳିଥାଏ । ଏହା ବୁଦା ଭାବରେ ବଢ଼ି ଥାଏ ଏବଂ ସୁନ୍ଦର ଦେଖାଯାଏ । ୩ ମାସ ଅନ୍ତରରେ ୨ରୁ ୫ କିଗ୍ରା ଖତ ସହ ୧୦ ଗ୍ରାମ ଯବକ୍ଷାରଜାନ ସାର, ୫ ଗ୍ରାମ ଫସଫରସ୍ ସାର ଓ ୨୦ ଗ୍ରାମ ପଟାସ୍ ସାର ବୁଦା ପ୍ରତି ପ୍ରୟୋଗ କରାଗଲେ ଓ ଜଳସେଚନ କଲେ ଏହା ବର୍ଷସାରା ଫଳ ଦେଇ ୫୦୦ରୁ ୧୫୦୦ ଗ୍ରାମ ବାର୍ଷିକ ବୁଦା ପ୍ରତି କଞ୍ଚା ଗୋଲମରିଚ ଅମଳ ଦେଇଥାଏ । ବାର୍ଷିକ ଉପରୋକ୍ତ ଭାବରେ ଖତସାର ପ୍ରୟୋଗ କରି ୫୦% ଛାୟା ପ୍ରଦାନ କଲେ ଏହି ବୁଦା ଗୋଲମରିଚ ମଧ ବହୁ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ ।

**ଜୈବିକ ଭାବରେ ଚାଷ** : ଜୈବିକ ଭାବରେ ଗୋଲମରିଚ ଚାଷ କରିବାକୁ ହେଲେ ନିମ୍ନର ଦିଆଯାଇଥିବା ବିଷୟ ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ।

- ଜୈବିକ କୃଷି କ୍ଷେତ୍ର ବା ଅନ୍ୟ ସ୍ଥାନରୁ ଚାରା ସଂଗ୍ରହ କରିବା ଉଚିତ । ଏହି ଚାରା ଗୁଡ଼ିକ ଯେତେ ଦୂର ସମ୍ଭବ ରୋଗପୋକ ସହଣୀଯୁକ୍ତ ହେବା ଆବଶ୍ୟକ ।
- ଚାରା ପ୍ରସ୍ତୁତି ପାଇଁ ବ୍ୟବହାର ମୃତ୍ତିକାକୁ ସୌର ତାପ ଦ୍ୱାରା ବିଶୋଧନ କରିବା ଆବଶ୍ୟକ । ଏହି ମୃତ୍ତିକାରେ ଅଣୁଜୀବ ଯଥା ୨୦୦ ଗ୍ରାମ ମାଇକୋରାଇଜା, ୫୦ ଗ୍ରାମ ସ୍ୱିଡ୍ରୋମନାସ ଏବଂ ୫୦ ଗ୍ରାମ ଟ୍ରାଇକୋଡ଼ର୍ମା ୧୦ କିଲୋଗ୍ରାମ ଖତରେ ମିଶାଇ ପ୍ରୟୋଗ କରନ୍ତୁ ।
- ଆଶ୍ରୟ ବୃକ୍ଷ ମଧ୍ୟ ରୋଗପୋକ ସହିପାରୁଥିବା ଉଚିତ ।
- ଚାରା ରୋପଣ ପୂର୍ବରୁ ମନ୍ଦା ପ୍ରତି ୨ କି.ଗ୍ରା. ଖତ ସହ ୧୨୫ ଗ୍ରାମ ରକ୍ ସଲଫେଟ୍ ମାଟିରେ ମିଶାଇ ଦିଆଯିବା ଦରକାର । ପରବର୍ତ୍ତୀ ବର୍ଷ ମାନଙ୍କରେ ବୁଦା ପ୍ରତି ୨୦ କି.ଗ୍ରା କମ୍ପୋଷ୍ଟ କିମ୍ବା ୧୦ କି.ଗ୍ରା ଜିଆଖତ ମାଟିରେ ପ୍ରୟୋଗ କରାଯାଏ । ମୃତ୍ତିକାର ଆବଶ୍ୟକତା ଅନୁସାରେ ୧୦୦ ଗ୍ରାମ ହାଡ଼ଗୁଣ୍ଡ, ୨୫୦ ଗ୍ରାମ ଚୂନ ଓ ୧୦୦ ଗ୍ରାମ କାଠରୁ ପ୍ରସ୍ତୁତ ପାଉଁଶ ପ୍ରୟୋଗ କରିବା ଉଚିତ ।
- ନିମ୍ବ ପିଡ଼ିଆ ବୁଦା ପ୍ରତି ବର୍ଷକୁ ୫୦୦ ଗ୍ରାମ ହିସାବରେ ପ୍ରୟୋଗ କରି ସୂତ୍ରଜୀବ ଓ ଅନ୍ୟାନ୍ୟ ରୋଗପୋକ ନିୟନ୍ତ୍ରଣ କରାଯାଏ । ଟ୍ରାଇକୋଡ଼ର୍ମା ମିଶ୍ରିତ ପଦାର୍ଥ ବୁଦା ପ୍ରତି ବାର୍ଷିକ ୫୦୦ ଗ୍ରାମ ପ୍ରୟୋଗ ସହ ଅତି ଜରୁରୀ ଅବସ୍ଥାରେ ୧% ବୋର୍ଡ଼କ୍ସ ଦ୍ରବଣ ସିଞ୍ଚନ ଓ ମାଟିଭିଜା କରି ରୋଗ ଦମନ କରାଯାଏ । ନିମ୍ବ ତେଲ ୦.୪% ସିଞ୍ଚନ ଦ୍ୱାରା ସୂତ୍ରଜୀବ ଓ ଅନ୍ୟାନ୍ୟ ପୋକ ଦମନ କରାଯାଏ ।

**ରୋଗପୋକ ପରିଚାଳନା** : ଗୋଲମରିଚରେ ମୂଳସଢ଼ା, ପତ୍ରପଚା, କାଣ୍ଡ ପଚା, ପତ୍ରଦାଗ ଏବଂ ଫାଇଲୋଇଡ଼ି ରୋଗ ଦେଖାଯାଏ ।ରୋଗପୋକ ପର୍ଯ୍ୟବେକ୍ଷଣ ସହ ପ୍ରାଥମିକ ଅବସ୍ଥାରୁ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କଲେ କ୍ଷତି ପରିମାଣ ହ୍ରାସ ପାଏ ।

**ଅମଳ** : ମଞ୍ଜିରୁ କରାଯାଇଥିବା ଗୋଲମରିଚ ଗଛ ୭ ବର୍ଷରେ ଫଳ ଧରୁଥିବା ବେଳେ ଡାଳ କଲମୀରୁ କରାଯାଇଥିବା ଗୋଲମରିଚ ଗଛ ୪ ବର୍ଷରେ ଫଳ ଧରିଥାଏ । ସାଧାରଣତଃ ଗୋଲମରିଚ ଗଛରେ ମଇରୁ ଜୁନ୍ ମାସ ମଧ୍ୟରେ ଫୁଲ ଆସିଥାଏ । ଫୁଲ ଆସିବାର ୬ ରୁ ୮ ମାସରେ ଅମଳ ହୋଇଥାଏ । ସମତଳ ଅଞ୍ଚଳ ଅପେକ୍ଷା ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ଗୋଲମରିଚ ଅଧିକ ୧ ମାସରୁ ୪୫ ଦିନ ସମୟ ନେଇଥାଏ । ଶୃକିରେ ଗୋଟିଏରୁ ଦୁଇଟି ଗୋଲମରିଚ ପାଚି ଉଜ୍ଜ୍ୱଳ କମଳା ରଙ୍ଗ ବା ଲାଲ ରଙ୍ଗ ଧାରଣ କଲେ ଶୃକି ସହ ଗୋଲମରିଚ ପେନ୍ଥା କାଟି ଆଣି ସେଥିରୁ ଗୋଲମରିଚକୁ ହାତରେ କିମ୍ବା ଯନ୍ତ୍ର ସାହାଯ୍ୟରେ ପେନ୍ଥାରୁ ଅଲଗା କରାଯାଏ । ତେବେ ଗୋଲମରିଚ ପାକଳ ହେବା ପୂର୍ବରୁ ଅମଳ କଲେ ୧୫ ରୁ ୨୦% ଅମଳ କମିଯାଇଥାଏ । ଗୋଟିଏ କଲମୀ ଗଛରୁ ୪ର୍ଥ ବର୍ଷରେ ୨୫୦ ଗ୍ରାମ ଗୋଲମରିଚ ଅମଳ ମିଳିଥାଏ । ଏହି ଅମଳ ବଢ଼ି ୫ମ ବର୍ଷରେ ହେକ୍ଟର ପ୍ରତି ୨୦୦ କିଲୋଗ୍ରାମ, ୬ଷ୍ଠ ବର୍ଷରେ ୪୦୦ କି.ଗ୍ରା. ଏବଂ ୭ମ ବର୍ଷ ଠାରୁ ବାର୍ଷିକ ୬୦୦ କି.ଗ୍ରା ହୋଇଥାଏ । ପ୍ରାୟ ନିୟମିତ ଭାବରେ ୨୦ ବର୍ଷ ପର୍ଯ୍ୟନ୍ତ ଅମଳ ଦେବାପରେ ଅଧିକାଂଶ କିସମରେ ଅମଳ କମି ଆସେ । ତେଣୁ ୨୦ ବର୍ଷ ପରଠାରୁ କିମ୍ବା ଅମଳ କମିବା ଆରମ୍ଭ ହେବା ଠାରୁ ବଗିଚାରେ ୨ୟ କିସ୍ତିରେ ଗୋଲମରିଚ ଚାରା ଲଗାଇବା ଉଚିତ ।

ସବୁଜ ଗୋଲମରିଚକୁ ୫୦° ସେଲସିୟସ୍ ପାଣିରେ ୧୦ ମିନିଟ ପର୍ଯ୍ୟନ୍ତ ବୁଡ଼ାଇ ଶୁଖାଇଲେ ଏହା କଳା ରଙ୍ଗ ଧାରଣ କରେ । ପାଚିଲା ଗୋଲମରିଚର ଚୋପା ଛଡ଼ାଇ ଶୁଖାଇଲେ ଧଳା ଗୋଲମରିଚ ହୋଇଥାଏ । ଧଳା ଗୋଲମରିଚର ଦାମ୍ କଳା ଗୋଲମରିଚ ଅପେକ୍ଷା ଦେଢ଼ଗୁଣା ଦାମ୍ ହୋଇଥାଏ ।